بِسۡمِ اللّٰہِ الرَّحۡمٰنِ الرَّحِیۡمِ

୫ ସେପ୍ଟେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ହୁନେନ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଓଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହୁନେନ୍ ଯୁଦ୍ଧରେ ଶତ୍ରୁ ପକ୍ଷର ତୀର ଚାଳନାକାରୀଙ୍କ ଯୋଗୁଁ ଇସଲାମ ସେନାରେ ଯେଉଁ ବିଶୃଙ୍ଖଳା ଉପୁଜି ଥିଲା, ତାହାର ଚର୍ଚ୍ଚା ହଜରତ ମୁସଲେହ୍ ମଉଦ[ର.ଅ] ସୁରଃ ନୁର୍‌ର ଆୟତ୍ ସଂଖ୍ୟା ୬୪ର ବ୍ୟାଖ୍ୟାରେ କରିଛନ୍ତି, ଯେ ଈଶ୍ୱରଙ୍କ ଅବତାରଙ୍କର କିପରି ଆଜ୍ଞାପାଳନ କରିବା ଉଚିତ୍ । ଉକ୍ତ ଆୟତ୍‌ର ଅନୁବାଦ ଏପରିକି- ହେ ବିଶ୍ୱାସକାରୀଗଣ! ଏପରି ମଣ ନାହିଁ ଯେ, ରସୁଲଙ୍କର ତୁମମାନଙ୍କ ମଧ୍ୟରୁ କାହାରିକୁ ଡ଼ାକିବା ତୁମେମାନେ ପରସ୍ପରକୁ ଡ଼ାକିବା ସଦୃଶ । ତୁମମାନଙ୍କ ମଧ୍ୟରୁ ଯେଉଁମାନେ (ଆଲୋଚନା ସ୍ଥଳରୁ) ଲୁଚି ପଳାଇ ଯାଆନ୍ତି ସେମାନଙ୍କୁ ଅଲ୍ଲାଃ ଭଲ ରୂପେ ଜାଣନ୍ତି । ସୁତରାଂ ଯେଉଁମାନେ ତାହାଙ୍କ ଆଦେଶର ବିରୁଦ୍ଧାଚରଣ କରନ୍ତି ସେମାନେ ସତର୍କ ହେବା ଉଚିତ୍ ଯେ, ଅଲ୍ଲାଃଙ୍କ ନିକଟରୁ ସେମାନଙ୍କୁ କୌଣସି ବିପଦ ପହଞ୍ଚି ନଯାଉ ଅବା କୌଣସି ଯନ୍ତ୍ରଣାଦାୟକ ଶାସ୍ତି ଉପସ୍ଥିତ ହୋଇ ନଯାଉ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଇମାମ୍ (ଅଗ୍ରଣୀ)ଙ୍କ ଡ଼ାକରା ତୁଳନାରେ ସାଧାରଣ ଲୋକମାନଙ୍କ ସ୍ୱର (ଡ଼ାକରା)ର କୌଣସି ଗୁରୁତ୍ୱ ନଥାଏ । ତୁମମାନଙ୍କୁ ଆବଶ୍ୟକ ଯେ, ଯେତେବେଳେ ବି ତୁମ କର୍ଣ୍ଣରେ ଅଲ୍ଲାଃଙ୍କ ରସୁଲଙ୍କର ସ୍ୱର ପଡିବ ତେବେ ସଙ୍ଗେସଙ୍ଗେ ଉପସ୍ଥିତ ହୋଇଯାଅ ଏବଂ ତାଙ୍କ ଆଦେଶ ପାଳନ କର । ସେଥିରେ ହିଁ ତୁମର କଲ୍ୟାଣ ନିହିତ ରହିଛି । ବରଂ ଯଦି ସେହି ସମୟରେ ଜଣେ ବ୍ୟକ୍ତି ନମାଜ ମଧ୍ୟ ପାଠ କରୁଥାଏ ତେବେ ମଧ୍ୟ ତାହା ପାଇଁ ଅନିବାର୍ଯ୍ୟ ଯେ, ସେ ନମାଜ ଛାଡ଼ି ଅଲ୍ଲାଃଙ୍କ ରସୁଲଙ୍କ ଡ଼ାକରାରେ ଉପସ୍ଥିତ ହୋଇଯାଉ । **ସେ ଯାହା ହେଉ ଅବତାରଙ୍କ ଡ଼ାକରାରେ ସଙ୍ଗେସଙ୍ଗେ ଉପସ୍ଥିତ ହେବା ଅତ୍ୟନ୍ତ ଜରୁରୀ, ବରଂ ତାହା ବିଶ୍ୱାସର ଚିହ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ବଡ ଚିହ୍ନ ।**

ଅନ୍ୟ ଏକ ଅବସରରେ ହଜରତ ମୁସଲେହ୍ ମଉଦ[ର.ଅ] ଇସଲାମୀ ସେନାରେ ବିଶୃଙ୍ଖଳା ସୃଷ୍ଟି ହେବାର ବ୍ୟାଖ୍ୟା କରି ସେହି ଅତି ସଙ୍କଟାପର୍ଣ୍ଣ ଅବସ୍ଥାରେ ହୁଜୁର [ସ.ଅ]ଙ୍କର ରଣକ୍ଷେତ୍ରରେ ଅଟଳ ଓ ଅବିଚଳ ରହିବା ପ୍ରସଙ୍ଗରେ କୁହନ୍ତି; ...ସେତେବେଳେ ପରିସ୍ଥିତି ଏପରି ବିପଦସଙ୍କୁଳ ହୋଇଯାଇଥିଲା ଯେ, ହୁଜୁର [ସ.ଅ]ଙ୍କ ନିକଟରେ ମାତ୍ର ୧୨ଜଣ ସାହାବା ରହିଯାଇଥିଲେ । ଆଉ ହଜରତ ଅବ୍‌ବାସ[ର.ଅ] ମହାଭାଗଙ୍କ ଘୋଡ଼ାର ଲଗାମ ଧରି ରଖିଥିଲେ । ସେ କହିଲେ; ହୁଜୁର ଏବେ ଏଠାରେ ଅଟକି ରହିବାରେ କୌଣସି ସୁଫଳ ମିଳିବ ନାହିଁ, ଏଠାରୁ ଫେରି ଚାଲନ୍ତୁ ଆମେ ମୁସଲମାନ ସେନାକୁ ଏକତ୍ରିତ କରି ପୁନର୍ବାର ଆକ୍ରମଣ କରିବା ।

କିନ୍ତୁ ନବୀଶ୍ରେଷ୍ଠ ଅତି ଦୃଢ଼ଉକ୍ତିରେ କହିଲେ; **ଈଶ୍ୱରଙ୍କ ନବୀ ରଣକ୍ଷେତ୍ରରୁ ପୃଷ୍ଠଭଙ୍ଗ ଦେଇ ନଥାଏ** ଏବଂ ମହାଭାଗ ଏହି କବିତା ପାଠ କରି ନିଜ ଘୋଡ଼ାର ଲଗାମ ଟାଣି ତାହାକୁ ଆଗକୁ ଅଗ୍ରସର କରାଇଲେ ଯେ, ମୁଁ ଈଶ୍ୱରଙ୍କ ପ୍ରେରିତ ଦୂତ ଓ ମୁଁ ମିଥ୍ୟାବାଦୀ ନୁହେଁ । ମୁଁ ଏହି ୪ହଜାର ତୀର ନିକ୍ଷେପକାରୀଙ୍କ ଆକ୍ରମଣ ସତ୍ତ୍ୱେ ଅଟକି ଯିବି ନାହିଁ, ବରଂ ଆଗକୁ ବଢି ଚାଲିବି । ଦେଖ ! ତୁମେମାନେ ଏହି ଦୃଶ୍ୟକୁ ଦେଖି ମୋ ବିଷୟରେ ଏପରି ମତ ପୋଷଣ କରି ନନିଅ ଯେ, ମୁଁ ନଉଜୁବିଲ୍ଲା ଈଶ୍ୱର ଅବା ମୋ ଠାରେ କୌଣସି ଈଶ୍ୱରିୟ ଶକ୍ତି ରହିଛି । ନା ! ମୁଁ ଈଶ୍ୱର ନୁହେଁ, ମୁଁ ତ ଅବଦ୍ଦୁଲ୍ ମୁତଲିବ୍‌ଙ୍କ ସନ୍ତାନ । କିନ୍ତୁ ହଁ (ଈଶ୍ୱରଙ୍କ ଅବତାରଗଣ) ତାଙ୍କ ସ୍ୱରୂପ ହୋଇଥାନ୍ତି ।

ସେତେବେଳେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ମୁସଲମାନମାନଙ୍କୁ ଡ଼ାକରା ଦେଇ ଆଦେଶ ଦେଲେ ଯେ, ହେ ମୁସଲମାନମାନେ ! ଫେରି ଆସ । ଯେତେବେଳେ ମୁସଲମାନମାନଙ୍କ କର୍ଣ୍ଣରେ ଏହି ସ୍ୱର ପଡିଲା ସେତେବେଳେ ନିମିଷକ ମଧ୍ୟରେ ମହାଭାଗଙ୍କର ନିଷ୍ଠାପର ଅନୁଗାମୀମାନେ ରଣଭୂମୀକୁ ତୀବ୍ର ବେଗରେ ଫେରି ଆସିଲେ । ହଜରତ ମୁସଲେହ୍ ମଉଦ[ର.ଅ] ସାହାବାଙ୍କର ଏହି ନିଷ୍ଠାପରତାର ଚର୍ଚ୍ଚା କରି କୁହନ୍ତି; ଏମାନେ ସେହି ଲୋକ ଥିଲେ ଯେଉଁମାନେ ମୁହମ୍ମଦ [ସ.ଅ]ଙ୍କ ଉପରେ ବିଶ୍ୱାସ ଆଣିବାରୁ ଉପକୃତ ହେଲେ ଅବା ଯେପରି ମହାଭାଗଙ୍କ ଗୌରବ ଓ ମର୍ଯ୍ୟାଦା ଥିଲା ଯେ, **ଯେପରି ପରିସ୍ଥିତି ହେଉ ନା କାହିଁକି ପ୍ରଭୁ ମହାଭାଗଙ୍କ ନୟନ ପରିସରରୁ ଅଦୃଶ୍ୟ ହେଉ ନଥିଲେ** । ଏହି ପ୍ରକାର  ବୈଶିଷ୍ଟ୍ୟ ସାହାବାମାନଙ୍କ ସ୍ତର ଓ ପଦମର୍ଯ୍ୟାଦା ଅନୁଯାୟୀ ସୃଷ୍ଟି ହୋଇଗଲା ।

ବର୍ଣ୍ଣନାରେ ପୁଣ୍ୟଶ୍ଳୋକଙ୍କ ସହିତ ଦାମ୍ଭିକତାର ସହିତ ପ୍ରତିଷ୍ଠିତ ରହିଥିବା ସାହାବା ଓ ମହିଳା ସାହାବିମାନଙ୍କ ସଂଖ୍ୟା ଓ ନାମ ଉଲ୍ଲେଖ ରହିଛି । ବିଭିନ୍ନ ବର୍ଣ୍ଣନାନୁଯାୟୀ ସେହି ସଂଖ୍ୟା ଏକ ଶତ ପର୍ଯ୍ୟନ୍ତ ରହିଥିଲା । ହଜରତ ଉମ୍ମେ ସୁଲେମ୍ [ର.ଅ]ଙ୍କୁ ଲୋକମାନଙ୍କର ରଣକ୍ଷେତ୍ର ଛାଡ଼ି ପଳାୟନ କରିବା ଏତେ ବ୍ୟଥିତ କରିଥିଲା ଯେ, ସେ ହୁଜୁର [ସ.ଅ]ଙ୍କୁ କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଆମମାନଙ୍କ ବ୍ୟତୀତ ମକ୍କାର ସେହି ଲୋକମାନେ ଯାହାଙ୍କୁ ଆପଣ ଦୟା ପୂର୍ବକ କ୍ଷମା କରି ଦେଇଥିଲେ, ସେମାନଙ୍କୁ ଧରିବା ମାତ୍ରେ ମୃତ୍ୟୁଦଣ୍ଡ ଦେବେ । ଏଥିରେ ମହାଭାଗ ଉତ୍ତର ଦେଲେ ହେ ଉମ୍ମେ ସୁଲେମ୍ ! ନିଶ୍ଚିତ ରୂପେ (ଆମ ପାଇଁ) ଅଲ୍ଲାଃତାଲା ଶତ୍ରୁ ମୁକାବିଲାରେ ଯଥେଷ୍ଟ ଏବଂ ସେ ଆମ ଉପରେ ଅନୁଗ୍ରହ କରିଛନ୍ତି । ଅନ୍ୟ ଜଣେ ବୀର ମହିଳା ସାହାବି ହଜରତ ଉମ୍ମେ ଅମାରାଃ [ର.ଅ]ଙ୍କର ବର୍ଣ୍ଣନା ମିଳୁଅଛି, ଯେ ହୁନେନ୍ ଯୁଦ୍ଧ ଦିନ ଯେତେବେଳେ ଲୋକମାନେ ଯୁଦ୍ଧଭୂମିରୁ ପଳାୟନ କଲେ ସେତେବେଳେ ଆମେ ମାତ୍ର ଚାରିଜଣ ମହିଳା ରହିଯାଇ ଥିଲୁ । ମୋ ନିକଟରେ ତୀକ୍ଷ୍ଣ କଣ୍ଟାଯୁକ୍ତ ଖଣ୍ଡା ରହିଥିଲା ଓ ଉଲ୍ଲେ ସୁଲେମ୍ [ର.ଅ]ଙ୍କ ପାଖରେ ଧାରୁଆ ଅସ୍ତ୍ର ରହିଥିଲା । ଆଉ ସେ ତାହାକୁ ନିଜ ଅଣ୍ଟାରେ ବାନ୍ଧି ରଖିଥିଲେ ଏବଂ ସେ ଗର୍ଭବତୀ ଥିଲେ । ତାଙ୍କ ବ୍ୟତୀତ ଆଉ ଦୁଇଜଣ ମହିଳା ଥିଲେ । ହଜରତ ଉମ୍ମେ ଅମାରାଃ[ର.ଅ] ଡ଼ାକ ଛାଡ଼ିଲେ ହେ ଅନ୍‌ସାରମାନେ ! ତୁମେ କାହିଁକି ପଳାୟନ କରୁଛ ? ସେ କୁହନ୍ତି; ମୁଁ ହୱାଜିନ ଗୋଷ୍ଠୀର ଜଣେ ବ୍ୟକ୍ତିକୁ ଦେଖିଲି ଯେ (ଶତ୍ରୁ ପକ୍ଷର) ଧ୍ୱଜା ଧରି ଗହମ ବର୍ଣ୍ଣର ଓଟ ଉପରେ ଆରୋହଣ କରି ମୁସଲମାନମାନଙ୍କ ପଛରେ ଧାଉଁ ଥିଲା । ତେବେ ମୁଁ ତାହା ସମ୍ମୁଖକୁ ଆସିଗଲି ଓ ତାହାର ଓଟ ଗୋଡ଼କୁ ପ୍ରହାର କଲି, ଯଦ୍ଦ୍ୱାରା ସେହି ଆରୋହୀ ଜଣକ ଭୂମିରେ ଖସି ପଡିଗଲା ଏବଂ ମୁଁ ତାହା ଉପରେ ଆକ୍ରମଣ କରି ତାହାକୁ

ମୃତ୍ୟୁର ଚିରନିଦ୍ରାରେ ଶୁଆଇ ଦେଲି । ତା'ପରେ ମୁଁ ତାହର ଖଡଗ୍ ଧରି ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲି । ନବୀଶ୍ରେଷ୍ଠ ସାହାବାମାନଙ୍କୁ ଆହ୍ୱାନ ଦେଉଥିଲେ ଓ ସାହାବାମାନେ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେଥିଅନ୍ତେ ମୁସଲମାନମାନେ ଶତ୍ରୁ ଉପରେ ଆକ୍ରମଣ କରିଦେଲେ, ଫଳରେ ଶତ୍ରୁ ମାତ୍ର ସେତିକି ସମୟ ନିଜର ପ୍ରତିରକ୍ଷା କରିପାରିଲା ଯେତେ ସମୟ ମଧ୍ୟରେ ଏକ ଓଟ ଠାରୁ ଦୁଗ୍ଧ ସଂଗ୍ରହ କରାଯାଇଥାଏ । ମୁଁ ଶତ୍ରୁର ଏପରି ନିନ୍ଦନୀୟ ପରାଜୟ କଦାପି ଦେଖି ନଥିଲି, ସେମାନେ ଏଣେତେଣେ ପଳାୟନ କରୁଥିଲେ । ମୋ ପୁତ୍ରମାନେ ଫେରି ଆସିଲେ ଓ ସେମାନଙ୍କ ନିକଟରେ କଏଦୀ ଥିଲେ ।

ସାହାବା ଫେରି ଆସିବା ପରେ ଯେତେବେଳେ ଘମାଘୋଟ ଯୁଦ୍ଧ ଚାଲିଥିଲା ସେତେବେଳେ ହୁଜୁରସ.ଅ ଚର୍ତୁପାର୍ଶ୍ୱରେ ଦୃଷ୍ଟି ନିକ୍ଷେପ କଲେ ଓ ଆପଣ ନିଜ ଖଚ୍ଚର ଉପରେ ଆରୋହଣ କରିଥିଲେ । ହୁଜୁରସ.ଅ କହିଲେ; ଯୁଦ୍ଧ ନିଜ କରାଳ ରୂପ ଦେଖାଉଛି । ତା'ପରେ ମହାଭାଗ ମୁଠାଏ ଗୋଡ଼ିମାଟି ଉଠାଇ ଅମାନ୍ୟକାରୀଙ୍କ ମୁଖକୁ ଫିଙ୍ଗିଲେ ଏବଂ କହିଲେ; ମୁହମ୍ମଦ ସ.ଅଙ୍କ ପାଳନକର୍ତ୍ତାଙ୍କ ରାଣ ! ଶତ୍ରୁ ପକ୍ଷ ପରାଜିତ ହେଲେ । ହଜରତ ଅବ୍‌ବାସର.ଅ କୁହନ୍ତି; ମୁଁ ଦେଖିଲି ସେପର୍ଯ୍ୟନ୍ତ ଯୁଦ୍ଧ ଭୀଷଣ ଭାବରେ ଚାଲିଥିଲା । କିନ୍ତୁ ଅଲ୍ଲାଃଙ୍କ ରାଣ ! **ହୁଜୁରସ.ଅ ଯେମିତି ଗୋଡ଼ିମାଟି ନିକ୍ଷେପ କରିଛନ୍ତି ଶତ୍ରୁର ତୀବ୍ରତା ଶିଥିଳ ପଡିବାକୁ ଲାଗିଲା ଓ ପରାଜୟ ତାଙ୍କ ଉପରେ ଓଲଟି ପଡିଲା ।** ଏହି ଅବସରରେ ହୁଜୁର ସ.ଅଙ୍କର ଗୋଟିଏ ଦୁଆର ମଧ୍ୟ ଚର୍ଚ୍ଚା ମିଳୁଅଛି । ତାହା ଏହିକି ଯେ, ହେ ଅଲ୍ଲାଃ ! ମୁଁ ତୁମ୍ଭକୁ ତାହାର ଦ୍ୱାହି ଦେଉଛି ଯାହା ତୁମ୍ଭେ ମୋ ସହିତ ଅଙ୍ଗୀକାର କରିଥିଲ । ହେ ଅଲ୍ଲାଃ ! ଏମାନଙ୍କ ସକାଶେ ସମ୍ଭବ ନୁହେଁ ଯେ, ସେମାନେ ଆମ ଉପରେ ବିଜୟ ପ୍ରାପ୍ତ କରିବେ ଓ ଆମେମାନେ ପତିତ ହୋଇଯିବୁ ।

ଶୈବାଃ ବିନ୍ ଉସମାନ୍ କୁରୈଶର ଜଣେ ସୁପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଥିଲା, ଯାହାର ପିତା ଓ୍ୱହଦ୍ ଯୁଦ୍ଧରେ ନିପାତ ହୋଇଥିଲା । ସେ ସ୍ୱୟଂ କହୁଥିଲା, ଯଦି ସମଗ୍ର ଆରବବାସୀ ମୁହମ୍ମଦସ.ଅ ସହିତ ସମ୍ମିଳିତ ହୋଇଯାନ୍ତି ତେବେ ମଧ୍ୟ ମୁଁ ମୁସଲମାନ ହେବି ନାହିଁ । ସେ ବର୍ଣ୍ଣନା କରନ୍ତି; ଯେତେବେଳେ ରଣକ୍ଷେତ୍ରରେ ହୁଜୁର ସ.ଅଙ୍କ ସାଥିରେ ମାତ୍ର କିଛି ଲୋକ ରହି ଯାଇଥିଲେ ସେତେବେଳେ ମୁଁ ଚିନ୍ତା କଲି ଏହା ଏକ ସୁବର୍ଣ୍ଣ ସୁଯୋଗ ଏହି ମୁହୂର୍ତ୍ତରେ ମୁଁ ନଉଜୁବିଲ୍ଲାଃ ମୁହମ୍ମଦ ସ.ଅଙ୍କର କାମ ତମାମ କରି ଦେବି । ଏହି ଚିନ୍ତା କରି ମୁଁ ତାଙ୍କର ଦକ୍ଷିଣ ପାର୍ଶ୍ୱରୁ ଆକ୍ରମଣ କରିବାକୁ ଚେଷ୍ଟା କଲି କିନ୍ତୁ ସେଠାରେ ଅବ୍‌ବାସ ର.ଅକୁ ମୁତୟନ ପାଇଲି । ତାହା ଦେଖି ଭାବିଲି ଅବ୍‌ବାସର.ଅ ଉପସ୍ଥିତିରେ ମୁହମ୍ମଦ ସ.ଅଙ୍କ ଉପରେ ଆକ୍ରମଣ କରିବା ସମ୍ଭବ ନୁହେଁ । ତେଣୁ ମୁଁ ବାମ ପାର୍ଶ୍ୱରୁ ଆକ୍ରମଣ କରିବାକୁ ଚେଷ୍ଟା କଲି କିନ୍ତୁ ସେପଟେ ଅବୁ ସୁଫୟାନ୍ ବିନ୍ ହାରିସ୍‌କୁ ପାଇଲି । ଅତଃ ମୁଁ ସେହି ପାର୍ଶ୍ୱରୁ ମଧ୍ୟ ଫେରି ଆସିଲି, ତା'ପରେ ମୁଁ ମହାଭାଗଙ୍କ ପଶ୍ଚାତ ପାର୍ଶ୍ୱରୁ ଆକ୍ରମଣ କରିବାକୁ ଉଦ୍ୟମ କଲି, କିନ୍ତୁ ମୁଁ ସେହିକ୍ଷଣି ସେଠାରୁ ନିଜ ଚକ୍ଷୁ ଉପରେ ହାତ ରଖି ପଳାଇ ଆସିଲି । ପରବର୍ତ୍ତୀ ସମୟରେ ସେ କହିଲେ; ସେତେବେଳେ ମୋତେ ନିଆଁର ଉର୍ଦ୍ଧ୍ୱଗାମୀ ଶିଖା ଦୃଶ୍ୟମାନ ହେଲା ଯାହାକି ମୋତେ ଭଷ୍ମିଭୂତ କରି ଦେଇଥାନ୍ତା । ଇତି ମଧ୍ୟରେ ପୁଣ୍ୟଶ୍ଳୋକ ମୋତେ ଡ଼ାକିଲେ ହେ ଶୈବାଃ ! ମୋ ନିକଟକୁ ଆସ । ସେ କୁହନ୍ତି; ମୁଁ ହୁଜୁର ସ.ଅଙ୍କ ନିକଟତର ହେଲି । ମହାଭାଗ ମୋତେ ଦେଖି ସ୍ମିତହାସ୍ୟ ପ୍ରକାଶ କଲେ ଓ ମୋ ଛାତି ଉପରେ ନିଜ ପବିତ୍ର ହସ୍ତ ବୁଲାଇ ଆଣି ଦୁଆ କଲେ ହେ ଅଲ୍ଲାଃ ! ଶୈତାନକୁ ଆ'ଠାରୁ ଦୂରେଇ ଦିଅ । ଶୈବାଃ କୁହନ୍ତି; **ଅଲ୍ଲାଃଙ୍କ ରାଣ ! ସେହି ସମୟରେ ହୁଜୁରସ.ଅ ମୋତେ ମୋର ଆଖି,**

**କାନ ଓ ପ୍ରାଣ ଠାରୁ ବଳି ଅଧିକ ପ୍ରିୟ ହୋଇଗଲେ ।** ମୋ ହୃଦୟ ପରିଷ୍କାର ହୋଇଗଲା । ସେଥିଅନ୍ତେ ମହାଭାଗ ଶୈବାଃଙ୍କୁ କହିଲେ; ହେ ଶୈବାଃ ! ଅମାନ୍ୟକାରୀଙ୍କ ସହିତ ଯୁଦ୍ଧ କର । ସେ କୁହନ୍ତି; ଏବେ ମୁଁ ପୁଣ୍ୟଶ୍ଳୋକଙ୍କ ପ୍ରତିରକ୍ଷାରେ ଖଣ୍ଡା ନେଇ ବାହାରି ପଡିଲି ଏବଂ ମହାଭାଗଙ୍କ ପ୍ରେମନୁରାଗରେ ଶତ୍ରୁ ସହିତ ଏପରି ଲଢ଼ିଲି ଯେ, ଯଦି ସେତେବେଳେ ମୋ ସାମନାରେ ମୋ ପିତା ଆସି ଯାଇଥା'ନ୍ତେ ତେବେ ତାଙ୍କୁ ମଧ୍ୟ ମୁଁ ବଧ କରିଦେଇଥା'ନ୍ତି ।

ଏହି ଘଟଣା ହଜରତ ମୁସଲେହ୍ ମଉଦ[ର.ଅ] ବର୍ଣ୍ଣନା କରିଛନ୍ତି ଯେ, ତାଙ୍କ ଅନ୍ତରରେ ଏପରି ପ୍ରେମ ଜାତ ହୋଇଗଲା ଯାହାକି ତା'ର ଶତ୍ରୁତାକୁ ଦୂରିଭୂତ କରିଦେଲା । ଯୁଦ୍ଧ ସମାପ୍ତ ହେବା ପରେ ମହାଭାଗ ନିଜ ଶିବିରରେ ଅବସ୍ଥାନ କରିଥିଲେ, ଇତି ମଧ୍ୟରେ ଶୈବାଃ ବିନ୍ ଉସମାନ୍ ଉପସ୍ଥିତ ହେଲେ । ମହାଭାଗ ତାଙ୍କୁ କହିଲେ; ତୁମେ ସେତେବେଳେ ଯାହା ଚିନ୍ତା କରୁଥିଲ ତାହା ଅପେକ୍ଷା ପରମେଶ୍ୱର ତୁମ ପାଇଁ ଏବେ ଯାହା ସ୍ଥିର କରିଦେଇଛନ୍ତି ତାହା ଶ୍ରେୟସ୍କର । ତହୁଁପରେ ମହାଭାଗ ଶୈବାଃକୁ ସେ ସମସ୍ତ ପ୍ରସଙ୍ଗର ସୂଚିତ କଲେ ଯାହା ଶୈବାଃ ଯୁଦ୍ଧକ୍ଷେତ୍ରରେ ଚିନ୍ତା କରୁଥିଲେ । ସେସବୁ ଶୁଣିବା ପରେ ଶୈବାଃ ନିଜ ପାଇଁ କ୍ଷମା ପ୍ରାର୍ଥନା କଲେ ଓ ଦୁଆ କରିବାକୁ ନିବେଦନ କଲେ । ଏଥିରେ ହୁଜୁର ତାହା ପାଇଁ ଦୁଆ କଲେ ଯେ, ଅଲ୍ଲାଃ ତୁମକୁ କ୍ଷମା କରି ଦିଅନ୍ତୁ ।

ଏହିପରି ନଜିର୍ ବିନ୍ ହାରିସ୍‌ର ମନ୍ଦ ଉଦ୍ଦେଶ୍ୟ ଓ (ଶେଷରେ) ତାହାର ଉତ୍ତମ ପରିଣତିର ମଧ୍ୟ ବର୍ଣ୍ଣନା ରହିଛି ଯେ, ମକ୍କାରୁ ଯେଉଁ ଲୋକମାନେ ନିଜ ଖଳ ଓ ମନ୍ଦ ଉଦ୍ଦେଶ୍ୟ ନେଇ ହୁନେନ୍ ଯୁଦ୍ଧରେ ମୁସଲମାନମାନଙ୍କ ସହିତ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି ମତବ୍ୟକ୍ତ କରିଥିଲେ ଯେ, ଅଲ୍ଲାଃଙ୍କର ଅଶେଷ କୃପା ଓ କୃତଜ୍ଞ ଯେ ଆମେ ନିଜ ପୂର୍ବ ଶିରକ୍ (ଈଶ୍ୱରଙ୍କ ସମତୁଲ୍ୟ କରିବା) ଆସ୍ଥାରେ ମୃତ୍ୟୁବରଣ କଲୁ ନାହୁଁ, ଯାହାର ଆମ ପିତୃପିତାମହମାନେ ଅନୁସରଣ କରୁଥିଲେ । ତାଙ୍କର ଇସଲାମ ଅତି ଅବିସ୍ମରଣୀୟ ରହିଥିଲା ଯିଏକି ପ୍ରବାସ କରି ମଦିନା ଚାଲିଯାଇ ଥିଲେ ଏବଂ ସେଠାରୁ ଜିହାଦ୍ କରିବା ଉଦ୍ଦେଶ୍ୟରେ ସିରିୟା ଅଭିମୁଖେ ବାହାରି ଯାଇଥିଲେ । ୧୫ହିଜ୍‌ରୀରେ ୟର୍ମୁକ୍ ଯୁଦ୍ଧରେ ସେ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ପରବର୍ତ୍ତୀ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

5th September 2025

*Translated to Odia by :* Moulavi Anwar Ahmad Khan